## ପ୍ରେସ ବିଜ୍ଞପ୍ତି

## ଗଣମାଧ୍ୟମ ଓ ସାମାଜିକ ଦାୟିତ୍ୱ ସମ୍ପର୍କିତ ଦୁଇ ଦିନିଆ ଜାତୀୟ ଆଲୋଚନାଚକ୍ର ଆରମ୍ଭ

ଭୁବନେଶ୍ୱର, ୩।୫।୨୦୧୭: ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ କିଟ୍ ପରିସରରେ ବୁଧବାର ପୂର୍ବାହ୍ନରେ ଆରମ୍ଭ ହୋଇଛି ଦୁଇଦିନିଆ ମିଡିଆ ଆଲୋଚନାଚକ୍ର । ଏହି ଆଲୋଚନାଚକ୍ରରେ ଗଣମାଧ୍ୟମ ସହିତ ଜଡିତ ବ୍ୟକ୍ତି, ଅଧ୍ୟାପକ, ନୀତି ପ୍ରଣୟନକାରୀ, ପ୍ରଶାସକ, ଗବେଷକ ଏବଂ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି । ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ ଏବଂ ଓଡ଼ିଶାଲାଇଭ୍‌ର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଏହି ଆଲୋଚନାଚକ୍ର ଗୁରୁବାର ପର୍ଯ୍ୟନ୍ତ ଚାଲିବ ।

ଆଜିର ସମାଜରେ ପାରମ୍ପରିକ ଗଣମାଧମ, ନୂଆ ଗଣମାଧମର ଭୂମିକା ଓ ଗଣମାଧମର ଦାୟିତ୍ୱବୋଧ ଉପରେ ଆଲୋଚନା କରାଯାଇଛି । ୟୁନେସ୍କୋ ପକ୍ଷରୁ ୨୦୧୭ ବିଶ୍ୱ ପ୍ରେସ୍ ଦିବସ ପାଇଁ ସ୍ୱିକୃତ ବିଷୟ ଭିତିରେ ଏହି ମିଡିଆ କନ୍‌କ୍ଲେଭ୍‌ର ବିଷୟକୁ ଚୟନ କରାଯାଇଛି ।

ଏହାକୁ ଉଦ୍‌ଘାଟନ କରି ୟୁନିଭର୍ସିଟି ଅଫ୍ ହାଇଦ୍ରାବାଦର ପ୍ରୋ ଭାଇସ୍‌ଚାନ୍‌ସେଲର୍ ପ୍ରୋଫେସର ବି ପି ସଞ୍ଜୟ କହିଲେ ଯେ ‘‘ବର୍ତମାନ ସମୟରେ ଗଣମାଧମ ଏବଂ ଏଥିରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଛୋଟବଡ଼ ରାଜନୈତିକ ଗତିବିଧି ଉପରେ ହିଁ ଅଧିକ ଧାନ ଦେଉଛନ୍ତି, ଯାହାକି ଅତି ଆବଶ୍ୟକ ନୁହେଁ । ଏହାଦ୍ୱାରା ଜନସାଧାରଣଙ୍କର ସ୍ୱରକୁ ବଳି ଦିଆଯାଉଛି । ସତ ଘଟଣାକୁ ପରିବେଷଣ କରିବା ପାଇଁ ସୋସିଆଲ୍ ମିଡିଆର ଆର୍ବିଭାବ ହୋଇଥିଲେ ମଧ ଏହା ଆଂଚଳିକତାରେ ସୀମିତ ରହିଛି ଯାହାଦ୍ୱାରା ଜାତୀୟ ଏକତା ପ୍ରତିଷ୍ଠାର ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ । ସୋସିଆଲ୍ ମିଡିଆର ଏହିସବୁ ଦୁର୍ବଳତା ଦୂର ହେବା ଦରକାର ଏବଂ ଯେଉଁମାନେ ଗଣମାଧମରେ କାମ କରୁଛନ୍ତି ସେମାନଙ୍କ ଚିନ୍ତାଧାରାରେ ପରିବର୍ତନ ଆବଶ୍ୟକ । ସମାଜର ସ୍ୱାର୍ଥସାଧନ ପାଇଁ ସାମ୍ବାଦିକମାନେ ବିଶ୍ୱାସଯୋଗ୍ୟ ହେବା ଦରକାର ଏବଂ ଖବର ପରିବେଷଣ ବେଳେ ସେମାନେ ଦାୟିତ୍ୱବାନ ହେବା ଦରକାର ବୋଲି ପ୍ରୋଫେସର ସଞ୍ଜୟ କହିଥିଲେ ।’’

ଉଦ୍‌ଘାଟନୀ ଅଧିବେଶନରେ ସମ୍ମାନୀତ ଅତିଥିଭାବେ ଦି ହୁଟ୍‌ର ସମ୍ପାଦକ ସେବନ୍ତି ନାଇନନ୍, ବିଶିଷ୍ଟ ସାମ୍ବାଦିକ ସନ୍ତୋଷ ଭାର୍ତିୟା ଓ କିଟ୍ ତଥା କିସ୍‌ର ସମ୍ପାଦକ ରବିନାରାୟଣ ଦାସ ଯୋଗ ଦେଇଥିଲେ । ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍‌ର ପ୍ରତିଷ୍ଠାତା ତଥା ଆଲୋଚନାଚକ୍ରର ଆବାହକ ପ୍ରୋଫେସର ଉପେନ୍ଦ୍ର ପାଢୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡିଶାଲାଇଭ୍‌ର ପ୍ରତିଷ୍ଠାତା, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସମ୍ପାଦକ ଶ୍ରୀ ନୀଳାମ୍ବର ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଇଏମ୍‌ଏସ୍‌ର ବରିଷ୍ଠ ଅଧାପିକା ଡକ୍ଟର ଗାୟତ୍ରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଆଲୋଚନାଚକ୍ରରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରୋଫେସର ଯୋଗଦେଇ ଗଣମାଧମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଆନ୍ଧ୍ର ବିଶ୍ୱବିଦ୍ୟାଳୟର ପ୍ରୋଫେସର ଡିଭିଆର୍ ମୂର୍ତି, ମାଡ୍ରାସ ବିଶ୍ୱବିଦ୍ୟାଳୟର ଡକ୍ଟର ରବୀନ୍ଦ୍ରନ୍ ଗୋପାଳନ୍, ବନାରସ୍ ବିଶ୍ୱବିଦ୍ୟାଳୟର ଡକ୍ଟର ଶିଶିର ବସୁ, ତେଜପୁର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରୋଫେସର ସୁନୀଲ କୁମାର ବେହେରା, ଆଇଆଇଏମ୍ ଢେଙ୍କାନାଳର ଡକ୍ଟର ମୃଣାଳ ଚାଟାର୍ଜୀ, ବିଶିଷ୍ଟ ଟିଭି ସାମ୍ବାଦିକ ସ୍ନେହାଶିଷ୍ ସୁର୍, ରାଉରକେଲା ଷ୍ଟିଲ୍ ପ୍ଲାଂଟର ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ରମେନ୍ଦ୍ର କୁମାର, ନିତିଦିନର ସମ୍ପାଦକ ସମ୍ପଦ ମହାପାତ୍ର ଓ ରାଜ୍ୟ ସୂଚନା କମିସନ୍‌ର ସଦସ୍ୟା ଶଶିପ୍ରଭା ବିନ୍ଧାଣୀ ପ୍ରମୁଖ ଭାଗ ନେଇଥିଲେ ।